


ପ୍ରଗତିବାଦୀ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
PRAGATIVADI
Orissa's Leading Daily

Home ▪ About us ▪ Local ▪ Others ▪ National ▪ Snippets ▪ Entertainment ▪ Horoscope ▪ Festival ▪ Information ▪ Train / Air schedule ▪ Archives ▪ Feedback ▪ Contact us ▪ Oriya Calendar ▪ Advertisement

Local

## ମଣିଶଙ୍କରଙ୍କ ଉପରେ ସବୁଜ ପତ୍ରିକାଧାରୀ ଖପ୍ପା

ଭୁବନେଶ୍ୱର : ଜନସଂଖ୍ୟା ନିୟନ୍ତ୍ରଣର ସଫଳତା ସାମ୍ୟବାଦ ଓ ସମାଜବାଦର ମୂଳମନ୍ତ୍ର ହୋଇଥିବାରୁ ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣର ସଫଳତା ନିମନ୍ତେ ପଞ୍ଚାୟତ ସ୍ତରର ଦୁଇଟି ସନ୍ତାନ ନୀତିକୁ ଲାଗୁ କରାଯାଇଥିବା ବିରୋଧରେ କେନ୍ଦ୍ରମନ୍ତ୍ରୀ ମଣି ଶଙ୍କର ଆୟାର ଯେଉଁ ଅସନ୍ତୋଷ ପ୍ରକାଶ କରିଛନ୍ତି ତାଙ୍କର ଜନସଂଖ୍ୟା ନିୟନ୍ତ୍ରଣ ସଫଳ ବିରୋଧି ମନୋଭାବ ବୋଲି ପ୍ରମାଣ ହୋଇଯାଇଥିବାରୁ ଯଥାଶୀଘ୍ର ତାଙ୍କୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜରିଆରେ ଏକ ଦାବିପତ୍ର ଦିଆଯିବା ସହିତ କଂଗ୍ରେସ ଭବନ ସମ୍ମୁଖରେ ଆୟାରଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ରାଜ୍ୟ ସବୁଜ ପତ୍ରିକାଧାରୀ ଉନ୍ନୟନ ପରିଷଦ ତରଫରୁ ଏକ ପ୍ରେସ୍ ବିବୃତିରେ ଘୋଷଣା କରାଯାଇଥିଲା । ପରିଷଦର ସାଧାରଣ ସଂପାଦକ ଦେବରାଜ ନାଏକ ଏ ସଂପର୍କରେ ସଂବାଦ ପତ୍ର ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ଏହି ଦୁଇଟି ସନ୍ତାନ ବ୍ୟବସ୍ଥା ମହିଳାମାନଙ୍କ ନିର୍ଯାତନାର ଏକ କାରଣ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଆୟାରୁ ଯେଉଁ ମତଦେଇଛନ୍ତି ତାହା ସଂପୂର୍ଣ୍ଣ ଭିତ୍ତିହୀନ ଓ ଭାରତର ପତେ୍ତା ଦେଓ ଦିନ୍‌ରେ ସମତା ଭିତ୍ତିକ ସମାଜ ଗଠନ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ନୀତି କଡାକଡି ଲାଗୁ କରାଯାଇଥିଲା ବେଳେ ଜଣେ କେନ୍ଦ୍ର ମନ୍ତ୍ରୀ ଏହା ବିରୋଧରେ ମତଦେବା ସେ ଜନସଂଖ୍ୟା ନିୟନ୍ତ୍ରଣର ସଫଳତା ଓ ତା ଭିତ୍ତିକ ସମାଜ ଗଠନ ବିରୋଧ ବ୍ୟକ୍ତି ବୋଲି ପ୍ରମାଣ ହୋଇଯାଇଛି । ଏପରି ଜଣେ ଜନନାଏକ ବ୍ୟକ୍ତି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରହିବା ଦେଶ ପାଇଁ କ୍ଷତିକାରକ ବୋଲି ମତ ଦେଇଛନ୍ତି । ତେଣୁ ଯଥାଶୀଘ୍ର ଶ୍ରୀ ଆୟାରଙ୍କୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଜରିଆରେ ଏକ ଦାବି ପତ୍ର ଦେବା ସହିତ କଂଗ୍ରେସ ଭବନ ସମ୍ମୁଖରେ ଶ୍ରୀ ଆୟାରଙ୍କ କୁଶପୁତ୍ତଳିକା ଦାହ କରାଯିବ ଓ ଏହାର ତରିଖ ଓ ସମୟ ନିର୍ଦ୍ଧାରଣ ପାଇଁ ତା୩୧।୧୦।୦୫ରିଖ ଦିବା ୧୧ ଘଟିକାରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟସ୍ଥ ମା ଦକ୍ଷିଣକାଳିଙ୍କ ଭଜନ ମଣ୍ଡପ ଠାରେ ରାଜ୍ୟ ପରିଷଦ ସାଧାରଣ କମିଟିର ଏକ ବୈଠକ ବସିବ । ଏହି ବୈଠକରେ ସବୁଜ ପତ୍ରିକାଧାରୀମାନେ ଯୋଗଦାନ ଦେବାକୁ ଶ୍ରୀ ନାଏକ ନିବେଦନ କରିଛନ୍ତି ।

## ନିର୍ଦ୍ଦେଶକ ବଦଳିରୁ ଆରସିଏମ୍‌ରେ ଛାତ୍ରଉତ୍ତେଜନା

ଭୁବନେଶ୍ୱର : ରାଜଧାନୀସ୍ଥିତ ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ (ଆରସିଏମ୍)ରେ ନିର୍ଦ୍ଦେଶକ ବଦଳିକୁ ନେଇ ଛାତ୍ର ଉତ୍ତେଜନା ତୀବ୍ର ରୂପ ଧାରଣ କରିଛି , ନିର୍ଦ୍ଦେଶକଙ୍କ ବଦଳି ପରେ ଠିକ୍ ସମୟରେ କ୍ଲାସ ହେଉନାହିଁ । ଅଧ୍ୟାପକମାନେ କଲେଜ ଆସୁନଥିବା ଅଭିଯୋଗ କରି ଆଜି ଛାତ୍ର ଛାତ୍ରୀମାନେ କଲେଜ ସମ୍ମୁଖରେ ବସିଥିଲେ । ପୂର୍ବ ନିର୍ଦ୍ଦେଶକ ଥିବା ସମୟରେ କଲେଜକୁ ବହୁ କମ୍ପାନୀ କ୍ୟାମ୍ପସ ନିଯୁକ୍ତି ନିମନ୍ତେ ଆସୁଥିବା ବେଳେ ବର୍ତ୍ତମାନ କୌଣସି କମ୍ପାନୀ ଆସୁନଥିବା ଅଭିଯୋଗ ହୋଇଛି । ଯୋଗ୍ୟତା ନଥିବା ଜଣେ ବ୍ୟକ୍ତିଙ୍କୁ କଲେଜ ନିର୍ଦ୍ଦେଶକ କରାଯାଇଛି ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି । ମାତ୍ର କ୍ଲାସ ହେଉନଥିବା ବିଷୟରେ କୌଣସି ଅଭିଯୋଗ ତାଙ୍କ ନିକଟକୁ ଆସିନାହିଁ ବୋଲି ବର୍ତ୍ତମାନର ନିର୍ଦ୍ଦେଶକ ସନ୍ତୋଷ ପଟ୍ଟନାୟକ ପ୍ରକାଶ କରିଛନ୍ତି । କିଛି ଗଣ୍ଡଗୋଳିଆ ଛାତ୍ର ଅଣଛାତ୍ରଙ୍କ ସହ ମିଶି ଏପରି କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଅପର ପକ୍ଷେ ସନ୍ତୋଷ ପଟ୍ଟନାୟକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି ଏବଂ ବିଶ୍ୱଜିତ ପଟ୍ଟନାୟକଙ୍କୁ ନୂଆ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯିବାକୁ ପରିଚାଳନା ସମିତି ଚିନ୍ତା କରୁଛି ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ଆରସିଏମ୍‌ରେ ପରିଚାଳନା ସମିତିରେ ସର୍ବଦା ଗଣ୍ଡଗୋଳିଆ ପରିସ୍ଥିତି ଲାଗି ରହିଥିବାବେଳେ ପ୍ରବୀର ପାଲଙ୍କୁ ବଦଳି କରାଯାଇ ସନ୍ତୋଷ ପଟ୍ଟନାୟକଙ୍କୁ ନୂଆ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା । ତେବେ ଏଭଳି ପରିସ୍ଥିତି ଯୋଗୁ ଛାତ୍ରମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି ।

## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନରସ୍ଥାନାନ୍ତରଣ ଏକ ବିଶ୍ୱାସଘାତକତା

ଭୁବନେଶ୍ୱର : ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ପଛୁଆ ରାଜ୍ୟ ଓଡ଼ିଶାରେ ପ୍ରତିଷ୍ଠା ହେବାକୁ ଥିବା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତରିତ କରି କେନ୍ଦ୍ର ସରକାର ଓଡ଼ିଶା ପ୍ରତି ବିଶ୍ୱାସଘାଥକତା କରିଛନ୍ତି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି । ପୂର୍ବତନ ଏନଡିଏ ସରକାର ଭୁବନେଶ୍ୱର ଠାରେ ଏହି ମର୍ଯ୍ୟାଦା ସଂପନ୍ନ ପ୍ରତିଷ୍ଠାନଟିକୁ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲା ବେଳେ ପଶ୍ଚିମବଙ୍ଗ ସରକାରଙ୍କ ଚାପରେ ବର୍ତ୍ତମାନର କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇ ଭାରତର ସଂଘୀୟ ବ୍ୟବସ୍ଥା ଉପରେ କୁଠାରଘାତ କରିଛନ୍ତି ବୋଲି ପାର୍ଟିର ରାଜ୍ୟ ସଭାପତି ବୈଷ୍ଣବ ଚରଣ ପରିଡା ଏକ ବିବୃତିରେ କହିଛନ୍ତି । ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ ଏହି ଗବେଷଣା ପ୍ରତିଷ୍ଠାନକୁ ଅନ୍ୟତ୍ର ହରଣଚାଳ କରିନେଲା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠିଟିଏ ଲେଖିଦେଇ ନିଜର ଚରମ ଅପାରଗତାର ପରିଚୟ ଦେଇଛନ୍ତି । କେନ୍ଦ୍ର ସରକାରର ଏହି ଚଞ୍ଚକତା ବିରୋଧରେ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ରାଷ୍ଟ୍ରପତିଙ୍କୁ ଭେଟିବା ନିମିତ୍ତ ଶ୍ରୀ ପରିଡା ପ୍ରସ୍ତାବ ଦେଇଛନ୍ତି ।

-

-



**Executive Editor : Samahit Bal**
178/B, Mancheswar Industrial Estate, Bhubaneswar
Ph : (0674) 2588297/2588298/2583066 Fax : (0674) 2582636
Email : pragativadi@pragativadi.com
Site Designed by **AIOL (All India On Line)**™ and Hosted by ***IS&T Inc***